# NATIONAL NEWS BULLETIN (ODIA)

## 28 June - 2024

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ନିଟ୍ ୟୁ.ଜି. ପରୀକ୍ଷାରେ ହୋଇଥିବା ଅନିୟମିତତା ଉପରେ ଆଲୋଚନା ଦାବି କରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହର କାର୍ଯ୍ୟ ବାଧାପ୍ରାପ୍ତ ।
- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଆସନ୍ତା ଜୁଲାଇ ୨ରେ ଲୋକସଭାରେ ଓ ୩ ତାରିଖରେ ରାଜ୍ୟସଭାରେ ରଖିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନିଟ୍ ୟୁ.ଜି.-୨୦୨୪ ପରୀକ୍ଷାରେ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପରୀକ୍ଷାର୍ଥୀଙ୍କୁ ଦେଲେ ପ୍ରତିଶ୍ରୁତି ।
- ବରିଷ୍ଠ ଆଇ.ଏଫ୍.ଏସ୍. ଅଧିକାରୀ ବିକ୍ରମ ମିଶ୍ରି ଦେଶର ପରବର୍ତ୍ତୀ ବୈଦେଶିକ ସଚିବ ଭାବେ ନିଯୁକ୍ତି ପାଇଛନ୍ତି ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଆସନ୍ତାକାଲି ଭାରତ ଭେଟିବ ଦକ୍ଷିଣ ଆଫ୍ରିକାକୁ ।

## ସଂସଦ ଅଧିବେଶନ

ନିଟ୍ ୟୁଜି ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତା ଉପରେ ଆଲୋଚନା ଦାବି କରି ବିରୋଧୀଦଳ ଗୁଡ଼ିକ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯିବାରୁ ଆଜି ଦିନକ ପାଇଁ ଲୋକସଭାର ଅଧିବେଶନକୁ ସ୍ଥଗିତ ରଖାଯାଇଥିବା ବେଳେ ରାଜ୍ୟସଭାକୁ ତିନିଥର ମୁଲତବୀ ଘୋଷଣା କରାଯାଇଛି । ଲୋକସଭାରେ ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟା ବେଳେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟି ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ଆସନ ନିକଟକୁ ଆସି ପ୍ରଦର୍ଶନ କରିଥିଲେ । ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ ନିଟ୍ ୟୁଜି ପରୀକ୍ଷା ବିବାଦ ଉପରେ ବିଚାର ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂସଦକୁ ଚାଲିବାକୁ ନ ଦେବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ

ପ୍ରସ୍ତାବକୁ ନେଇ ଚର୍ଚ୍ଚା ସମୟରେ ଏହି ପ୍ରସଙ୍ଗ ଉଠାଯାଇ ପାରିବ ବୋଲି ସେ କହିଥିଲେ ।

ନିଟ୍ ବିବାଦ ଉପରେ ବିରୋଧୀଙ୍କ ଆଲୋଚନା ଦାବିକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରତ୍ୟାଖ୍ୟାନ କରି କହିଥିଲେ ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କର ଅଭିଭାଷଣ ଉପରେ ଆଲୋଚନା ସମୟରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବାର ପରମ୍ପରା ନାହିଁ । ଏହି ପ୍ରସଙ୍ଗରେ ଶ୍ରୀ ରିଜିଜୁ କଂଗ୍ରେସ ସମେତ ଅନ୍ୟ ବିରୋଧୀଦଳ ଗୁଡ଼ିକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ସରକାର ଯେକୌଣସି ଆଲୋଚନାର ଉତ୍ତର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ତେବେ ବିରୋଧୀ ସଦସ୍ୟଙ୍କ ପ୍ରଦର୍ଶନ ବଢ଼ିବାରୁ ବାଚସ୍ପତି ଆଜି ଦିନକ ପାଇଁ ଲୋକସଭାକୁ ମୁଲତବୀ ଘୋଷଣା କରିଥିଲେ ।

ପୂର୍ବରୁ ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳ ଦ୍ୱାରା ଦିଆଯାଇଥିବା ନିଟ୍ ଅନିୟମିତତା ଆଲୋଚନା ପ୍ରସଙ୍ଗ ପ୍ରସ୍ତାବକୁ ବାଚସ୍ପତି ଖାରଜ କରିଦେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଥିଲେ ନିଟ୍ ବିବାଦ ଉପରେ ଗୃହରେ ଆଲୋଚନା କରିବା ଦ୍ୱାରା ଏହାକୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ସେମାନେ ଶିକ୍ଷାର୍ଥୀମାନଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛନ୍ତି । ତେଣୁ ଏହି

ପ୍ରସଙ୍ଗ ଉପରେ ଆଲୋଚନା ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏହା ପୂର୍ବରୁ କିଛି ନୂଆସାଂସଦଙ୍କୁ ଶପଥ ଗ୍ରହଣ କରିବା ପାଇଁ ଡକାଯାଇଥିଲା । ପରେ ପୂର୍ବତନ ସାଂସଦଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଦିନ ୧୨ଟା ପରେ ରାଜ୍ୟସଭାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ, ଟି.ଏମ୍.ସି., ଡି.ଏମ୍.କେ., ଆପ୍ ସମେତ ଅନ୍ୟ ବିରୋଧୀ ଦଳ ଗୁଡ଼ିକ ନିଟ୍ ପ୍ରସଙ୍ଗରେ ସରକାର ବିରୋଧୀ ଧ୍ୱନିମାନ ଦେଇଥିଲେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରି ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ ଗତ ଦଶବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ସାମଗ୍ରୀକ ସଫଳତା ଉପରେ ଆଲୋକପାତ କରିଥିଲେ । ସମ୍ପ୍ରତି ଲୋକସଭା ନିର୍ବାଚନ ପରିପ୍ରେକ୍ଷୀରେ ଶ୍ରୀ ତ୍ରିବେଦୀ କହିଛନ୍ତି, କଂଗ୍ରେସ ତୁଳନାରେ ଏଥର ଏନ୍.ଡି.ଏ. ଦେଶର ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକରେ ଅଧିକ ଭୋଟ୍ ପାଇଛି । କ୍ରମାଗତ ତୃତୀୟଥର ଲାଗି କଂଗ୍ରେସ ଦଳ ଲୋକସଭାରେ ତିନି ଅଙ୍କ ବିଶିଷ୍ଟ ଆସନ ହାସଲ କରିବାରେ ବିଫଳ ହୋଇଛି ବୋଲି ସେ କହିଛନ୍ତି ।

ଏହି ହଟ୍ଟଗୋଳ ମଧ୍ୟରେ ଗୃହର ନେତା ଜେ.ପି. ନଡ୍ଡା କହିଥିଲେ, ନିଟ୍ ପ୍ରସଙ୍ଗରେ ସରକାର ସମସ୍ତ ପ୍ରକାର ଆଲୋଚନାରେ ଭାଗ ନେବା ସହ ଏହାର ଉପଯୁକ୍ତ ଉତ୍ତର ଦେବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି । ମାତ୍ର ବିରୋଧୀ ଦଳ ଗୁଡ଼ିକ ଗୃହର କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ କରିବା ଦିଗରେ ଜାଣିଶୁଣି ବାଧାସୃଷ୍ଟି କରୁଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେ.ଡି.ଏସ୍. ନେତା ଏଚ୍.ଡି. ଦେବଗୌଡ଼ା କହିଛନ୍ତି, କୌଣସି ପ୍ରସଙ୍ଗରେ ତଦନ୍ତ ସମ୍ପୂର୍ଣ୍ଣ ହେବା ପୂର୍ବରୁ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ । ନିଟ୍ ପ୍ରସଙ୍ଗରେ ସରକାର ଇତିମଧ୍ୟରେ ସି.ବି.ଆଇ. ତଦନ୍ତ ଲାଗି ନିର୍ଦ୍ଦେଶ ଦେଇସାରିଛନ୍ତି ଏବଂ ସମସ୍ତ ରାଜନୈତିକ ଦଳ ଏହାର ରିପୋର୍ଟକୁ ଅପେକ୍ଷା କରିବା ଉଚିତ୍ ବୋଲି ସେ କହିଥିଲେ ।

ଏହି ହଟ୍ଟଗୋଳ ମଧ୍ୟରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ନିଟ୍ ପ୍ରସଙ୍ଗରେ ଗୃହର ମଧ୍ୟଭାଗରେ ଆସି ପ୍ରତିବାଦ କରିଥିଲେ । ଫଳରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼' ଶ୍ରୀ ଖଡ଼ଗେଙ୍କର ଏଭଳି ଆଚରଣକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ବିରୋଧୀ ଦଳ ନେତା ଗୃହର ମଧ୍ୟଭାଗକୁ ଆସି ଏଭଳି ପ୍ରତିବାଦ କରିବା ଘଟଣା ରାଜ୍ୟସଭାରେ ପ୍ରଥମଥର ବୋଲି କହିଥିଲେ । ପରେ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ୨ଟା ପରେ ରାଜ୍ୟସଭା

କାର୍ଯ୍ୟ ଆରମ୍ଭ ହେବା କ୍ଷଣି ସ୍ଥିତିରେ କୌଣସି ଉନ୍ନିତ ପରିଲକ୍ଷିତ ହୋଇନଥିଲା । ଏହି ପ୍ରତିବାଦ କରିବା ସମୟରେ କଂଗ୍ରେସ ସାଂସଦ ଫୁଲୋଦେବୀ ନେତାମ୍ ସଂଜ୍ଞାହୀନ ହୋଇପଡ଼ିଥିଲେ । ପରେ ତାଙ୍କୁ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ଏହାପରେ ଗୃହକୁ ପୁଣି ଅପରାହ୍ଣ ୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ତେବେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ଗୁଡ଼ିକ କକ୍ଷତ୍ୟାଗ କରିଥିଲେ ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧନ୍ୟବାଦ ପ୍ରସ୍ତାବ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଆସନ୍ତା ଜୁଲାଇ ୨ ତାରିଖରେ ଲୋକସଭାରେ ଏବଂ ୩ ତାରିଖରେ ରାଜ୍ୟସଭାରେ ଦେବାର କାର୍ଯ୍ୟକ୍ରମ ରହିଛି ।

## ଏଜୁକେସନ୍ ମିନିଷ୍ଟ୍ରି

ନିଟ୍ ୟୁ.ଜି.-୨୦୨୪ ପରୀକ୍ଷାରେ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପରୀକ୍ଷାର୍ଥୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସଂସଦ ବାହାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଏହି ସ୍ପର୍ଶକାତର ପ୍ରସଙ୍ଗରେ ସରକାର ସତର୍କତା ଅବଲମ୍ବନ କରିବା ସହିତ ଦୋଷୀକୁ ଉପଯୁକ୍ତ ଦଣ୍ଡଦେବା ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

ସେହିଭଳି ଯେକୌଣସି ପ୍ରସଙ୍ଗରେ ସରକାର ସଂସଦରେ ଆଲୋଚନା କରିବା ଲାଗି ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

## ଏନ୍‌ଟିଏ କମିଟି

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏରେ ସଂସ୍କାର ଆଣିବା ପାଇଁ ସୁପାରିଶ କରିବାକୁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଶେଷଜ୍ଞ କମିଟି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଠାରୁ ପ୍ରସ୍ତାବ ଲୋଡ଼ିଛନ୍ତି । ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ.ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି **ମାଇଁ ଗଭ୍** ୱେବ୍‌ସାଇଟ୍ ଜରିଆରେ ପ୍ରସ୍ତାବ ଏବଂ ମତାମତ ଗ୍ରହଣ କରିବେ । ସାଧାରଣ ଲୋକେ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ମତାମତ ପଠାଇ ପାରିବେ । ଆସନ୍ତା ୨ମାସ ମଧ୍ୟରେ କମିଟି' ଶିକ୍ଷା ମନ୍ତ୍ରଣାଳୟକୁ ଏନ୍‌ଟିଏରେ ସଂସ୍କାର ସମେତ ପରୀକ୍ଷା ପରିଚାଳନା ପ୍ରକ୍ରିୟା ଓ ଡାଟା ସୁରକ୍ଷା ସଂପର୍କିତ ରିପୋର୍ଟ ପ୍ରଦାନ କରିବ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ

କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଷ୍ଟକ୍ଟଶ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ବୈଦେଶିକ ସଚିବ

ଭାରତୀୟ ବିଦେଶ ସେବାର ବରିଷ୍ଠ ଅଧିକାରୀ ବିକ୍ରମ ମିଶ୍ରି ଦେଶର ପରବର୍ତ୍ତୀ ବୈଦେଶିକ ସଚିବ ଭାବେ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନର ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରାଙ୍କ କାର୍ଯ୍ୟକାଳ ଆସନ୍ତା ମାସ ୧୪ ତାରିଖରେ ଶେଷ ହେଉଛି । ଏହାପରେ ୧୯୮୯ ମସିହା ବ୍ୟାଚ୍‌ର ଆଇ.ଏଫ୍.ଏସ୍. ଅଧିକାରୀ ଶ୍ରୀ ମିଶ୍ରି ବୈଦେଶିକ ସଚିବ ଭାବେ ଦାୟିତ୍ୱ ତୁଲାଇବେ । ବର୍ତ୍ତମାନ ସେ ଜାତୀୟ ନିରାପତ୍ତା ପରିଷଦ ସଚିବାଳୟରେ ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ  କାର୍ଯ୍ୟରତ ଅଛନ୍ତି । ପୂର୍ବରୁ ଶ୍ରୀ ମିଶ୍ରି ଚୀନ୍, ମ୍ୟାଁମାର ଏବଂ ସ୍ପେନ୍‌ରେ ଭାରତୀୟ ଦୂତାବାସର ମୁଖ୍ୟ

ରୂପେ କାର୍ଯ୍ୟ କରିସାରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ମିଶ୍ର ବିଭିନ୍ନ ସମୟରେ ଦେଶର ୩ ଜଣ ପ୍ରଧାନମନ୍ତ୍ରୀ – ୧୯୯୭ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦର କୁମାର ଗୁଜରାଲ୍, ୨୦୧୨ରେ ମନମୋହନ ସିଂହ ଏବଂ ୨୦୧୪ରେ ନରେନ୍ଦ୍ର ମୋଦୀଙ୍କର ବ୍ୟକ୍ତିଗତ ସଚିବ ଭାବେ ସଫଳତାର ସହ କାର୍ଯ୍ୟ ନିର୍ବାହ କରିଛନ୍ତି ।

# ମୁଖ୍ୟ ଶାସନ ସଚିବ

ଓଡ଼ିଶା ସରକାର ବରିଷ୍ଠ ପ୍ରଶାସକ ମନୋଜ ଆହୁଜାଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି । ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଆସନ୍ତା ୩୦ ତାରିଖରେ ଅବସର ଗ୍ରହଣ କରିବେ । ଏହାପରେ ଶ୍ରୀ ଆହୁଜା ଦାୟିତ୍ୱ ଗ୍ରହଣ କରିବେ । ଏଥିସହ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଚିବ ଭାବେ ମଧ୍ୟ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଇତିମଧ୍ୟରେ ଶ୍ରୀ ଆହୁଜା ଦିଲ୍ଲୀ ଡେପୁଟେସନ୍‌ରୁ ଓଡ଼ିଶା ଫେରିଥିବା ଜଣାପଡ଼ିଛି ।

## ଏନ୍‌ଆଇଏ

୨୦୨୧ ମସିହାରେ ଦେଶର ପ୍ରତିରକ୍ଷା ତଥ୍ୟ ପ୍ରଘଟ କରିବା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ପକ୍ଷରୁ ଆଜି ଗୁଜରାଟ ଓ ମହାରାଷ୍ଟ୍ରର ତିନୋଟି ସ୍ଥାନରେ ଚଢ଼ାଉ କରାଯାଇଛି । ଏହିସବୁ ତଥ୍ୟ ପାକିସ୍ତାନୀ ଗୁଇନ୍ଦାକୁ ହସ୍ତାନ୍ତର କରିଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କର କାର୍ଯ୍ୟାଳୟ ଏବଂ ବାସଭବନରେ ହୋଇଥିବା ଚଢ଼ାଉ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମୋବାଇଲ୍ ଫୋନ୍ ତଥା ଅନ୍ୟାନ୍ୟ ସାମଗ୍ରୀ ଏନ୍.ଆଇ.ଏ.ର ହସ୍ତଗତ ହୋଇଛି । ଏହି ମାମଲାର ତଦନ୍ତ ଦାୟିତ୍ୱ ଏନ୍.ଆଇ.ଏ. ୨୦୨୩ ମସିହାରେ ହାତକୁ ନେବା ପରେ ଜଣେ ପାକିସ୍ତାନୀ ନାଗରୀକଙ୍କ ସମେତ ୨ ଜଣଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିସାରିଛି । ପରେ ଆଉ ଜଣେ ପାକିସ୍ତାନୀ ନାଗରୀକଙ୍କ ସମେତ ମୋଟ୍ ୩ ଜଣଙ୍କ ବିରୁଦ୍ଧରେ ଏନ୍.ଆଇ.ଏ. ପକ୍ଷରୁ ଦୁଇଟି ଚାର୍ଜସିଟ୍ ଦାଖଲ କରାଯାଇଛି ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ' ଦକ୍ଷିଣ ଆଫ୍ରିକାକୁ ଭେଟିବ । ଆସନ୍ତାକାଲି ଭାରତୀୟ ସମୟ ରାତି ୮ଟାରେ ବାର୍‌ବାଡୋଜ୍ ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ' ଇଂଲଣ୍ଡକୁ ୬୮ରନ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଅନ୍ୟ ପକ୍ଷରେ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ଆଫ୍‌ଗାନିସ୍ତାନକୁ ୯ ଓ୍ୱିକେଟ୍‌ରେ ହରାଇ ପ୍ରଥମଥର ଲାଗି ଫାଇନାଲ୍‌ରେ ପ୍ରବେଶ କରିଛି ।